ଶରଫ ଥୁସେନ୍ ଅବଦୁଲ୍ଲରହମାନ ଶେଖ୍ ଏବଂ ଅନ୍ୟମାନେ

ବନାମ

ଗୁଜୁରାଟ ରାଜ୍ୟ ଏବଂ ଅନ୍ୟମାନେ

ନଭେମ୍ବର 22, 1996

[ଏମ୍.କେ. ମୁଖାର୍ଜୀ ଏବଂ ଏସ୍.ପି. କୁର୍ଦ୍ଦୁକର, ନ୍ୟାୟମୂର୍ତ୍ତିଦ୍ୱୟ ]

*ଫୌଜଦାରୀ ଆଇନ:*

*ଆତଙ୍କବାଦୀ ଏବଂ ବିଧ୍ୱଂସକାରୀ କାର୍ଯ୍ୟକଳାପ (ନିବାରଣ) ଅଧିନିୟମ, 1987 ।*

*ନିୟମାବଳୀର ନିୟମ 15 (3) (b) ସହିତ ଧାରା 15 (2) – ଦୋଷସ୍ୱୀକାର – ଆରକ୍ଷୀ ଅଧିକାରୀଙ୍କ ଦ୍ୱାରା ନଥିଭୁକ୍ତ – ଦୋଷସ୍ୱୀକାର ନଥିଭୁକ୍ତ କରିବା ପରେ ଆରକ୍ଷୀ ଅଧିକାରୀ ନିୟମାବଳୀର ନିୟମ 15 (3) (b) ଅନୁଯାୟୀ , ସ୍ୱେଚ୍ଛାକୃତ ଦୋଷସ୍ୱୀକାର ସମ୍ପର୍କରେ ତାଙ୍କର ସନ୍ତୁଷ୍ଟି କିମ୍ବା ବିଶ୍ୱାସର ପ୍ରମାଣପତ୍ର ଦେଇନଥିଲେ କିମ୍ବା ସାକ୍ଷୀ ଭାବରେ ଯାଞ୍ଚ ସମୟରେ ସେ ଏପରି ସନ୍ତୁଷ୍ଟି କିମ୍ବା ବିଶ୍ୱାସ ବିଷୟରେ ପରିସାକ୍ଷ୍ୟ ଦେଇନଥିଲେ – ଦର୍ଶାଯାଇଛି : ଏପରି ଏକ ଦୋଷସ୍ୱୀକାର ଅଭିଯୁକ୍ତଙ୍କ  ବିରୁଦ୍ଧରେ ବ୍ୟବହୃତ ହେବ ନାହିଁ ।*

**ଅପିଲକାରୀମାନଙ୍କୁ ଭାରତୀୟ ଦଣ୍ଡ ସଂହିତା, 1860ର ଧାରା 120-B ଏବଂ 307 ସହିତ ଆତଙ୍କବାଦୀ ଏବଂ ବିଧ୍ୱଂସକାରୀ କାର୍ଯ୍ୟକଳାପ (ନିବାରଣ) ଅଧିନିୟମ, 1987ର ଧାରା 3 ଏବଂ 5 ଏବଂ ବିସ୍ଫୋରକ ପଦାର୍ଥ ଅଧିନିୟମ, 1908ର ଧାରା 4 ଏବଂ 6 ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇଥିଲା ଏବଂ ଦଣ୍ଡିତ କରାଯାଇଥିଲା । ତେଣୁ ଏହି ଅପିଲ ।**

**ଅପିଲକାରୀ-ଅଭିଯୁକ୍ତମାନଙ୍କ ଦ୍ୱାରା ଆରକ୍ଷୀ ଅଧୀକ୍ଷକ, ପି.ଡବ୍ଲ୍ୟୁ.6ଙ୍କ ସମ୍ମୁଖରେ ଟି ଏ ଡ଼ି ଏର ଧାରା 15 ଅନୁଯାୟୀ ନଥିଭୁକ୍ତ କରାଯାଇଥିବା ଦୋଷସ୍ୱୀକାର ବୟାନ ଉପରେ ସରକାରୀ ଅଭିଯୋଜନ ମାମଲା ଆଧାରିତ ଥିଲା । ଦାୟିତ୍ୱପ୍ରାପ୍ତ ନ୍ୟାୟାଳୟ ଦୋଷସ୍ୱୀକାରଗୁଡ଼ିକୁ ସ୍ୱେଚ୍ଛାକୃତ ଏବଂ ସତ୍ୟ ବୋଲି ପାଇଥିଲେ ଏବଂ ତଦନୁସାରେ ଅପିଲକାରୀ-ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୋଷସିଦ୍ଧି ଆଦେଶ ଦେଇଥିଲେ ।  କିନ୍ତୁ, ଆରକ୍ଷୀ ଅଧୀକ୍ଷକ    ଟି ଏ ଡ଼ି ଏ ଅଧୀନରେ ଗଠିତ ପ୍ରସ୍ତୁତ ନିୟମାବଳୀର ନିୟମ 15(3)(B) ଅନୁଯାୟୀ, ଦୋଷସ୍ୱୀକାର ନଥିଭୁକ୍ତ ହେବା ପରେ ସ୍ୱେଚ୍ଛାକୃତ ଦୋଷସ୍ୱୀକାର ବିଷୟରେ ତାଙ୍କର ସନ୍ତୁଷ୍ଟି କିମ୍ବା ବିଶ୍ୱାସ**

**ବିଷୟରେ କୌଣସି ପ୍ରମାଣପତ୍ର ଦେଇ ନଥିଲେ । ସାକ୍ଷୀ ଭାବରେ ତାଙ୍କୁ ଯାଞ୍ଚ କରାଯିବା ସମୟରେ ସେ ତାଙ୍କର ଏପରି ସନ୍ତୁଷ୍ଟି କିମ୍ବା ବିଶ୍ୱାସ ବିଷୟରେ ମଧ୍ୟ ପରିସାକ୍ଷ୍ୟ ଦେଇ ନଥିଲେ ।**

**ଏହି ଅପିଲକୁ ଅନୁମତି ଦେଇ, ଏହି ନ୍ୟାୟାଳୟ**

**ଦର୍ଶାଇଛନ୍ତି ଯେ: 1. ଆତଙ୍କବାଦୀ ଏବଂ ବିଧ୍ୱଂସକାରୀ କାର୍ଯ୍ୟକଳାପ (ନିବାରଣ) ଅଧିନିୟମ, 1987 ଅନୁଯାୟୀ ଗଠିତ ନିୟମର ନିୟମାବଳୀର 15(3)(b) ଅନୁଯାୟୀ, ଦୋଷସ୍ୱୀକାର ନଥିଭୁକ୍ତ ହେବା ପରେ ସ୍ୱେଚ୍ଛାକୃତ ଭାବରେ ତାଙ୍କର ସନ୍ତୁଷ୍ଟି କିମ୍ବା ବିଶ୍ୱାସ ବିଷୟରେ ପି.ଡବ୍ଲ୍ୟୁ 6 କୌଣସି ସାକ୍ଷ୍ୟ ଦେଇ ନଥିଲେ, ଏହି ତଥ୍ୟ ବ୍ୟତୀତ, ଏହା ମଧ୍ୟ ଏକ ସ୍ୱୀକାରକରାଯାଇଥିବା ତଥ୍ୟ ଯେ ସାକ୍ଷୀ ଭାବରେ ଯାଞ୍ଚ ସମୟରେ ସେ ତାଙ୍କର ଏପରି ସନ୍ତୁଷ୍ଟି କିମ୍ବା ବିଶ୍ୱାସ ବିଷୟରେ ପରିସାକ୍ଷ୍ୟ ଦେଇ ନଥିଲେ । ଫଳସ୍ୱରୂପ, ଅପିଲକାରୀ-ଅଭିଯୁକ୍ତଙ୍କ ଦ୍ୱାରା କରାଯାଇଥିବା ଆରୋପିତ ଦୋଷସ୍ୱୀକାର ସେମାନଙ୍କ ବିରୁଦ୍ଧରେ ଲଗାଯାଇଥିବା ଅଭିଯୋଗକୁ ପ୍ରମାଣିତ କରିବା ପାଇଁ ଆଗେଇ ନେଇ ନାହିଁ ।**

*ଚନ୍ଦ୍ରନ ବନାମ ମାଡ୍ରାସ ରାଜ୍ୟ,* **AIR (1978) SC 1574** ନିର୍ଭର କରାଯାଇଥିଲା ।

ଫୌଜଦାରୀ ଅପିଲିୟ ଅଧିକାରିତା : ଅପରାଧିକ ଅପିଲ ସଂଖ୍ୟା 473/1996 ।

ସି ଟି ସି ସଂଖ୍ୟା 7/1995ରେ ଅହମଦାବାଦର ଦାୟିତ୍ୱପ୍ରାପ୍ତ ନ୍ୟାୟାଳୟଙ୍କ 26.2.196 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ୟୁ .ଆର୍ ଲଳିତ ଏବଂ ସୁଶ୍ରୀ କାମିନି ଜୈଶ୍ୱାଳ ।

ଡଃ ଏନ୍ ଏମ୍ ଘଟାଟେ, (ସୁଶ୍ରୀ ରେଖା ପାଣ୍ଡେ) ଉତ୍ତରଦାତାଙ୍କ ପାଇଁ ସୁଶ୍ରୀ ହେମନ୍ତିକା ୱାହି ।

ନ୍ୟାୟାଳୟ ରାୟ ପ୍ରଦାନ କରିଥିଲେ

**ଏମ୍. କେ. ମୁଖାର୍ଜୀ, ନ୍ୟାୟମୂର୍ତ୍ତି ।** ଦାୟିତ୍ୱପ୍ରାପ୍ତ ନ୍ୟାୟାଳୟ, ଅହମଦାବାଦ ଦ୍ୱାରା ଧାରା 120-B ଏବଂ 307 ଆଇ ପି ସି, ଆତଙ୍କବାଦୀ ଏବଂ ବିଧ୍ୱଂସକାରୀ କାର୍ଯ୍ୟକଳାପ (ନିବାରଣ) ଅଧିନିୟମ, 1987 (ସଂକ୍ଷେପରେ 'ଟି ଏ ଡ଼ି ଏ') ର ଧାରା 3 ଏବଂ 5 ଏବଂ ବିସ୍ଫୋରକ ପଦାର୍ଥ ଅଧିନିୟମ, 1908 ର ଧାରା 4 ଏବଂ 6 ଅନୁଯାୟୀ ଦଣ୍ଡନୀୟ ଅପରାଧ ପାଇଁ ଚାରି ଜଣ ଅପିଲକାରୀଙ୍କ ସହିତ ଅନ୍ୟ ଆଠ ଜଣଙ୍କର ବିଚାର କରାଯାଇଥିଲା । ସେମାନଙ୍କ ବିରୁଦ୍ଧରେ ଅଭିଯୋଗ ଥିଲା ଯେ ସେମାନେ ହିନ୍ଦୁ ସମ୍ପ୍ରଦାୟର ଲୋକଙ୍କ ଉପରେ

ବୋମା ଫିଙ୍ଗି ଅହମ୍ମଦାବାଦ ସହରରେ ଆତଙ୍କର ରାଜତ୍ୱ ସୃଷ୍ଟି କରିବା ପାଇଁ ଏକ ଅପରାଧିକ ଷଡ଼ଯନ୍ତ୍ର ରଚିଥିଲେ ଏବଂ ଉକ୍ତ ଷଡ଼ଯନ୍ତ୍ର ଅନୁସାରେ ସେମାନେ ଜାନୁଆରୀ 27, 1993 ରେ ସାରଙ୍ଗପୁର ବସ୍ ଷ୍ଟାଣ୍ଡ ନିକଟରେ ବୋମା ଫିଙ୍ଗିଥିଲେ ଯାହା ଫଳରେ କିଛି ଜନସାଧାରଣ ଆହତ ହୋଇଥିଲେ । ସମସ୍ତ ଅପିଲକାରୀଙ୍କ ବିରୁଦ୍ଧରେ ଟି ଏ ଡ଼ି ଏ ର ଧାରା -120-B ଆଇପିସି ଏବଂ 3 ଏବଂ 5 ଅନୁଯାୟୀ ଦୋଷସିଦ୍ଧି ଏବଂ ଦଣ୍ଡାଦେଶ ନଥିଭୁକ୍ତ କରାଯାଇଥିଲା, ଅପିଲକାରୀଙ୍କ ମଧ୍ୟରୁ ଦୁଇଜଣଙ୍କୁ ଧାରା-307 ଆଇ ପିସି ଏବଂ ବିସ୍ଫୋରକ ପଦାର୍ଥ ଅଧିନିୟମ 4 ଅନୁଯାୟୀ ଏବଂ ଅନ୍ୟ ଦୁଇ ଜଣଙ୍କୁ ବିସ୍ଫୋରକ ପଦାର୍ଥ ଅଧିନିୟମର ଧାରା-6 ଅନୁଯାୟୀ ଏବଂ ଅନ୍ୟ ଆଠ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇ ମାମଲାର ସମାପ୍ତ ହୋଇଥିଲା । ସେମାନଙ୍କର ଦୋଷସିଦ୍ଧି ଏବଂ ଦଣ୍ଡାଦେଶରେ ବ୍ୟଥିତ ହୋଇ ଅପିଲକାରୀମାନେ ଟି ଏ ଡ଼ି ଏ ର ଧାରା 19 ଅନୁଯାୟୀ ଏହି ଅପିଲ ଦାଖଲ କରିଛନ୍ତି ।

ଅପିଲକାରୀଙ୍କ ବିରୁଦ୍ଧରେ ଲଗାଯାଇଥିବା ଦୋଷାରୋପକୁ ଧରିରଖିବା ପାଇଁ, ଅଭିଯୋଜନ ମୁଖ୍ୟତଃ ଶ୍ରୀ ଡି.ବି. ପଟେଲ, (ପି.ଡବ୍ଲ୍ୟୁ. 6) ଆରକ୍ଷୀ ଅଧୀକ୍ଷକ, ସି.ଆଇ.ଡି. ଅପରାଧ ଶାଖା, ଅହମ୍ମଦାବାଦଙ୍କ ସମ୍ମୁଖରେ ଉପରୋକ୍ତ ଚାରି ଜଣ ଅପିଲକାରୀଙ୍କ ଦ୍ୱାରା ଦିଆଯାଇଥିବା ଦୋଷସ୍ୱୀକାର ବୟାନ ଉପରେ ସେମାନଙ୍କର ମାମଲା ସ୍ଥିର କରିଥିଲେ, ଯାହାକୁ ଟି ଏ ଡ଼ି ଏ ଧାରା 15 ଅନୁଯାୟୀ ନଥିଭୁକ୍ତ କରାଯାଇଥିଲା । ଦାୟିତ୍ୱପ୍ରାପ୍ତ ନ୍ୟାୟାଳୟ ଦୋଷସ୍ୱୀକାରଗୁଡ଼ିକୁ ସ୍ୱେଚ୍ଛାକୃତ ଏବଂ ସତ୍ୟ ବୋଲି ପାଇଥିଲେ ଯେହେତୁ ସେଗୁଡ଼ିକ ପରସ୍ପରକୁ ସମର୍ଥନ କରୁଥିଲେ, ଅପିଲକାରୀମାନଙ୍କ ବିରୁଦ୍ଧରେ ଆକ୍ଷେପିତ ରାୟ ପ୍ରଦାନ କରିଥିଲେ ।

ଟି ଏ ଡ଼ି ଏର ଧାରା 15ର ଉପ-ଧାରା (1) ଅନୁଯାୟୀ, ଆରକ୍ଷୀ ଅଧୀକ୍ଷକଙ୍କ ଠାରୁ ତଳ ପଦବୀରେ ନଥିବା ଆରକ୍ଷୀ ଅଧିକାରୀଙ୍କ ସମ୍ମୁଖରେ ଜଣେ ବ୍ୟକ୍ତି ଦ୍ୱାରା ଦିଆଯାଇଥିବା ଦୋଷସ୍ୱୀକାର, ଫୌଜଦାରୀ ପ୍ରକ୍ରିୟା ସଂହିତା କିମ୍ବା ଭାରତୀୟ ସାକ୍ଷ୍ୟ ଅଧିନିୟମରେ ଥିବା ବ୍ୟବସ୍ଥା ସତ୍ତ୍ୱେ ଗ୍ରହଣୀୟ । ଟି ଏ ଡ଼ି ଏ ଅଧୀନରେ ଗଠିତ ନିୟମାବଳୀର ନିୟମ 15 ସହିତ ଉପ-ଧାରା (2) ଏପରି ଦୋଷସ୍ୱୀକାର ନଥିଭୁକ୍ତ କରିବା ପାଇଁ ଅନୁସରଣ କରାଯିବା ପ୍ରକ୍ରିୟା ନିର୍ଣ୍ଣୟ କରେ । ନିୟମ 15ର ଉପ-ଧାରା (3) (b) ଦୋଷସ୍ୱୀକାର ନଥିଭୁକ୍ତ କରୁଥିବା ଆରକ୍ଷୀ ଅଧିକାରୀଙ୍କୁ, ଦୋଷସ୍ୱୀକାର ନଥିଭୁକ୍ତ କରିବା ଶେଷରେ ନିମ୍ନଲିଖିତ ପ୍ରଭାବ ପାଇଁ ଏକ ସ୍ମାରକପତ୍ର ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଏ ।

> "ମୁଁ (ନାମ)ଙ୍କୁ ବୁଝାଇ ଦେଇଛି ଯେ ସେ ଦୋଷସ୍ୱୀକାର ଦେବାକୁ ବାଧ୍ୟ ନୁହଁନ୍ତି ଏବଂ ଯଦି ସେ ଏପରି କରନ୍ତି, ତେବେ ସେ ଯେଉଁ ଦୋଷସ୍ୱୀକାର ଦେଇପାରନ୍ତି ତାହା ତାଙ୍କ ବିରୁଦ୍ଧରେ

> ପ୍ରମାଣ ଭାବରେ ବ୍ୟବହାର କରାଯାଇପାରେ ଏବଂ ମୁଁ ବିଶ୍ୱାସ କରେ ଯେ ଏହି ଦୋଷସ୍ୱୀକାର ସ୍ୱେଚ୍ଛାକୃତ ଭାବରେ କରାଯାଇଥିଲା । ଏହା ମୋର ଉପସ୍ଥିତିରେ ଏବଂ ମୋ ଦ୍ୱାରା ନଥିଭୁକ୍ତ ଏବଂ ଶୁଣାଣି କରାଯାଇଥିଲା ଏବଂ ଏହାକୁ ପ୍ରସ୍ତୁତ କରୁଥିବା ବ୍ୟକ୍ତିଙ୍କୁ ପଢ଼ି ଶୁଣାଇ ଦିଆଯାଇଥିଲା ଏବଂ ତାଙ୍କ ଦ୍ୱାରା ସଠିକ ବୋଲି ସ୍ୱୀକାର କରାଯାଇଥିଲା, ଏବଂ ଏଥିରେ ତାଙ୍କ ଦ୍ୱାରା ଦିଆଯାଇଥିବା ବୟାନର ପୂର୍ଣ୍ଣ ଏବଂ ସତ୍ୟ ବିବରଣୀ ରହିଛି।"

ସ୍ୱୀକାରଯୋଗ୍ୟ ଭାବେ, ଆମେ ଏହି ଅପିଲରେ ଜଡ଼ିତ ଥିବା ଚାରୋଟି ଦୋଷସ୍ୱୀକାର (ଇଏକ୍ସଟି 72, 73, 75 ଏବଂ 76), ମଧ୍ୟରୁ କୌଣସିଟିରେ ଏପରି ଏକ ସ୍ମାରକପତ୍ର ନାହିଁ । ତେଣୁ, ଆମ ବିଚାରକୁ ଆସୁଥିବା ପ୍ରଶ୍ନ ହେଉଛି ଏପରି ଏକ ସ୍ମାରକପତ୍ରର ମୂଲ୍ୟ କ'ଣ ଏବଂ, ସେଥିପାଇଁ, ଏହାର ଅନୁପସ୍ଥିତିର ପ୍ରଭାବ କ'ଣ । ଏହି ପ୍ରଶ୍ନର ଉତ୍ତର ଏହି ନ୍ୟାୟାଳୟ ଦ୍ୱାରା *ଚନ୍ଦ୍ରାଣ ବନାମ ମାଡ୍ରାସ ରାଜ୍ୟ,* AIR (1970) SC 1574 ରେ ଧାରା 164 ସି ଆର୍ ପି ସି ର ଉପ-ଧାରା (4) ସହିତ ବିଚାର କରିବା ସମୟରେ ଦିଆଯାଇଛି, ଯାହା ଦଣ୍ଡାଧିକାରୀଙ୍କ ଦ୍ୱାରା ଏକ ଦୋଷସ୍ୱୀକାର ନଥିଭୁକ୍ତ କରିବାରେ ଅନୁସରଣ କରାଯିବାକୁ ଥିବା ପ୍ରକ୍ରିୟା ପ୍ରସ୍ତୁତ କରେ ଏବଂ ଏହା ଉପରେ ଉଦ୍ଧୃତ ନିୟମ 15(3) ସହିତ ସମାନ ଅଟେ ।

> "କିନ୍ତୁ ଆଇନ ଅନୁଯାୟୀ ଅଭିଯୁକ୍ତଙ୍କ ଦୋଷସ୍ୱୀକାର ନଥିଭୁକ୍ତ କରିବା ପରେ, ଦଣ୍ଡାଧିକାରୀ ନଥିର ଆଧାରରେ ଏକ ସ୍ମାରକପତ୍ର ସଂଲଗ୍ନ କରିବା ଆବଶ୍ୟକ ଯାହା ପ୍ରମାଣିତ କରେ ଯେ ସେ ବିଶ୍ୱାସ କରନ୍ତି ଯେ ଦୋଷସ୍ୱୀକାର ସ୍ୱେଚ୍ଛାକୃତ ଭାବରେ କରାଯାଇଥିଲା । ଦୋଷସ୍ୱୀକାରର ନଥିଭୁକ୍ତ ସମାପ୍ତ ହେବା ପରେ ଏହି ବାଧ୍ୟତାମୂଳକ ଆବଶ୍ୟକତା ସହିତ ପାଳନ କରିବା ଆବଶ୍ୟକ କାରଣ, ଦୋଷସ୍ୱୀକାର ଶୁଣିବା ଏବଂ ବ୍ୟକ୍ତିଙ୍କ ଆଚରଣ ଅବଲୋକନ କରିବା, ଦଣ୍ଡାଧିକାରୀଙ୍କୁ ତାଙ୍କ ସମ୍ମୁଖରେ ଦିଆଯାଇଥିବା ଦୋଷସ୍ୱୀକାରର ସ୍ୱେଚ୍ଛାକୃତତାକୁ ପ୍ରମାଣିତ କରି ଆବଶ୍ୟକ ସ୍ମାରକପତ୍ର ଯୋଡିବା ପାଇଁ ଉତ୍ତମ ସ୍ଥିତିରେ ଆଣେ । ଯଦି, ପୋଲିସ ତଦନ୍ତ ସମୟରେ ଦଣ୍ଡାଧିକାରୀ ତାଙ୍କ ସମ୍ମୁଖରେ ଥିବା ଅଭିଯୁକ୍ତଙ୍କ ଦୋଷସ୍ୱୀକାର ନଥିଭୁକ୍ତ କରିନ୍ତି ତାହା ନଥିର ଆଧାରରେ, ତାଙ୍କ ଦ୍ୱାରା ନଥିଭୁକ୍ତ କରାଯାଇଥିବା ଦୋଷସ୍ୱୀକାରର ସ୍ୱେଚ୍ଛାକୃତ ପ୍ରକୃତି ବିଷୟରେ ତାଙ୍କର ସନ୍ତୁଷ୍ଟି କିମ୍ବା ବିଶ୍ୱାସକୁ ସ୍ପଷ୍ଟ ଭାବରେ ପ୍ରମାଣିତ କରେ ନାହିଁ, କିମ୍ବା ଏପରି ସନ୍ତୁଷ୍ଟି କିମ୍ବା ବିଶ୍ୱାସ ବିଷୟରେ ମୌଖିକ ଭାବରେ ସାକ୍ଷ୍ୟ ଦିଏ ନାହିଁ, ତେବେ ବିଚାର ସମୟରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୋଷସ୍ୱୀକାରର ଗ୍ରହଣୀୟତା ଏବଂ ବ୍ୟବହାର ପାଇଁ ମାରାତ୍ମକ ହେବ।"

(ଗୁରୁତ୍ୱ ପ୍ରଦାନ କରାଗଲା)

ପୂର୍ବରୁ ଉଦ୍ଧୃତ ନିୟମ 15(3) ଅନୁଯାୟୀ ଦୋଷସ୍ୱୀକାର ନଥିଭୁକ୍ତ ହେବା ପରେ ସ୍ୱେଚ୍ଛାକୃତ ଭାବରେ ତାଙ୍କର ସନ୍ତୁଷ୍ଟି କିମ୍ବା ବିଶ୍ୱାସ ବିଷୟରେ ପି.ଡବ୍ଲ୍ୟୁ 6 କୌଣସି ପ୍ରମାଣପତ୍ର ଦେଇ ନଥିଲେ, ଏହା ମଧ୍ୟ ଏକ ସ୍ୱୀକାରଯୋଗ୍ୟ ତଥ୍ୟ ଏହା ଯେ ସାକ୍ଷୀ ଭାବରେ ଯାଞ୍ଚ କରାଯାଉଥିବା ସମୟରେ ସେ ତାଙ୍କର ଏପରି ସନ୍ତୁଷ୍ଟି କିମ୍ବା ବିଶ୍ୱାସ ବିଷୟରେ ପରିସାକ୍ଷ୍ୟ ଦେଇ ନଥିଲେ । ଫଳସ୍ୱରୂପ, ଏହି ନ୍ୟାୟାଳୟର ଉପରୋକ୍ତ ମନ୍ତବ୍ୟକୁ ଦୃଷ୍ଟିରେ ରଖି, ଯାହା ସହିତ ଆମେ ସମ୍ପୂର୍ଣ୍ଣ ସହମତ, ଚାରି ଜଣ ଅପିଲକାରୀଙ୍କ ଦ୍ୱାରା କରାଯାଇଥିବା ଆରୋପିତ ଦୋଷସ୍ୱୀକାରକୁ ସେମାନଙ୍କ ବିରୁଦ୍ଧରେ ଲଗାଯାଇଥିବା ଅଭିଯୋଗକୁ ପ୍ରମାଣ କରିବା ପାଇଁ ଆଗେଇ ନେଇ ପାରିବ ନାହିଁ । ଯେହେତୁ ନଥିରେ ଅନ୍ୟ କୌଣସି ସାକ୍ଷ୍ୟ ନାହିଁ ଯାହାରୁ ଏହା କୁହାଯାଇପାରିବ ଯେ ଅପିଲକାରୀ ଯେଉଁ ଅପରାଧ ପାଇଁ ଆରୋପିତ ଏବଂ ଦୋଷୀ ସାବ୍ୟସ୍ତ ହୋଇଥିଲେ, ତାହା ନିଶ୍ଚିତ ଭାବରେ ସଫଳ ହେବ ।

ଫଳସ୍ୱରୂପ, ଆମେ ଏହି ଅପିଲକୁ ଅନୁମତି ଦେଉଛୁ, ଅପିଲକାରୀଙ୍କ ଦୋଷସିଦ୍ଧି ଏବଂ ଦଣ୍ଡାଦେଶକୁ ରଦ୍ଦ କରୁଛୁ ଏବଂ ନିର୍ଦ୍ଦେଶ ଦେଉଛୁ ଯେ ଯଦି ଅନ୍ୟ କୌଣସି ମାମଲା ସହିତ ଜଡ଼ିତ ନଥାଏ, ସେମାନଙ୍କୁ ତୁରନ୍ତ ମୁକ୍ତ କରାଯାଉ ।

ଭି ଏସ୍ ଏସ୍ — ଅପିଲକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦକ**

**ସୌମ୍ୟରଞ୍ଜନ ବେହେରା, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ।**